# ଷ୍ଟେଟ୍ ଲୋଡ୍ ଡେସ୍ପାଚ୍ ସେଣ୍ଟର (ଏସ୍ଏଲ୍ଡିସି)

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

OPTCL
Lifeline of Odisha

(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

ଗ୍ରୀଡ୍କୋ କଲୋନୀ, ପୋ: ମଞ୍ଚେଶ୍ୱର ରେଲୱେ କଲୋନୀ, ଭୁବନେଶ୍ୱର - ୭୫୧ ୦୧୭, ଓଡ଼ିଶା

CIN : U40102OR2004SGC007553


## ଆର୍ଥିକ ବର୍ଷ ୨୦୨୦-୨୧ ନିମନ୍ତେ ଷ୍ଟେଟ ଲୋଡ ଡେସ୍ପାଚ ସେଣ୍ଟର (ଏସ୍ଏଲ୍ଡିସି) ପାଇଁ ଫି ଏବଂ ଶୁଳ୍କ ସମ୍ବନ୍ଧୀୟ ବିଜ୍ଞପ୍ତି

**୨୨ ଏପ୍ରିଲ ୨୦୨୦**

**ତା. ୦୧.୦୫.୨୦୨୦ ରିଖରୁ ଲାଗୁହେବା ନିମନ୍ତେ ଏସ୍ଏଲ୍ଡିସି ଫି ଏବଂ ଶୁଳ୍କ**

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ତା. ୨୨.୦୪.୨୦୨୦ ରିଖରେ ମାମଲା ସଂଖ୍ୟା ୭୩/ ୨୦୧୯ରେ ତା. ୦୧.୦୫.୨୦୨୦ ରିଖରୁ ଲାଗୁ ହେବା ନିମନ୍ତେ ଏସ୍ଏଲ୍ଡିସି କାର୍ଯ୍ୟ ପାଇଁ ଫି ଓ ଶୁଳ୍କ ନିର୍ଦ୍ଧାରଣ ସମ୍ବନ୍ଧୀୟ ଆଦେଶନାମା ପ୍ରଦାନ କରିଛନ୍ତି।

ଓଇଆର୍ସି (ବ୍ୟବସାୟ ପରିଚାଳନା) ବିନିୟମ, ୨୦୦୪ ଅନ୍ତର୍ଗତ ବିନିୟମ ୫୭ ଅନୁଯାୟୀ ଏସ୍ଏଲ୍ଡିସି ଏତଦ୍ଵାରା ନିଜର କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ତାଲିକାର ପ୍ରକାଶନ କରୁଅଛି।

**ଏସ୍ଏଲ୍ଡିସି କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ତାଲିକା**

**୧.** ଆର୍ଥିକ ବର୍ଷ ୨୦୨୦-୨୧ ପାଇଁ ଏସ୍ଏଲ୍ଡିସି କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ନିମ୍ନମତେ ହେବ।

(କ) **ଏସ୍ଏଲ୍ଡିସି କାର୍ଯ୍ୟ ସମ୍ପାଦନ ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ ଓ ସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍ ଓ ସି) ଭରଣା**

ଆର୍ଥିକ ବର୍ଷ ୨୦୨୦-୨୧ ନିମନ୍ତେ ଆନ୍ତଃରାଜ୍ୟ ସରବରାହ ବ୍ୟବସ୍ଥା ଏବଂ ଏସ୍ଏଲ୍ଡିସିର ସେବା ଉପଲବ୍ଧ ପାଇଁ ସମସ୍ତ ବ୍ୟବହାରକାରୀ ଯଥା ବିତରଣ ସଂସ୍ଥା, କ୍ରେତା, ଉତ୍ପାଦନ କେନ୍ଦ୍ର (ସିଜିପି ସହିତ) ଓ ବିକ୍ରେତାମାନଙ୍କ ଠାରୁ ବ୍ୟବସ୍ଥା ପରିଚାଳନା ଶୁଳ୍କ ଓ ବଜାର ପରିଚାଳନା ଶୁଳ୍କ ଏବଂ ଆନ୍ତଃରାଜ୍ୟ ସରବରାହ ଲାଇସେନ୍ସଧାରୀ (ଓପିଟିସିଏଲ୍) ଠାରୁ କେବଳ ବ୍ୟବସ୍ଥା ପରିଚାଳନା ଶୁଳ୍କ ଏସ୍ଏଲ୍ଡିସି ବିଲ୍ ପ୍ରଦାନ କରି ଆଦାୟ କରିବ।

**ଆର୍ଥିକ ବର୍ଷ ୨୦୨୦-୨୧ ନିମନ୍ତେ ଏଆର୍ଆର୍ ଓ ବାର୍ଷିକ ଏବଂ ମାସିକ ଶୁଳ୍କ**

(ଟଙ୍କା ଲକ୍ଷରେ)

| କ୍ରଂ. ସଂ. | ବିବରଣୀ | ଆର୍ଥିକ ବର୍ଷ ୨୦୨୦-୨୧ ପାଇଁ ମଞ୍ଜୁରୀ | |
|---|---|---|---|
| | | ବାର୍ଷିକ | ମାସିକ |
| ୧. | ଏସ୍ଏଲ୍ଡିସି ର ଏଆର୍ଆର୍ | ୯୩୦.୮୮୯ | ୭୭.୫୭ |
| ୨. | ଆନ୍ତଃରାଜ୍ୟ ସରବରାହ ଲାଇସେନ୍ସଧାରୀ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ଓସି) ଏସ୍ଏଲ୍ଡିସି ନିକଟରେ ଦାଖଲ କରିବେ | ୭୪.୪୭୧ | ୬.୨୦୬ |
| ୩. | ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଓ ବିକ୍ରେତାମାନେ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ଓସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍ଓସି) ଏସ୍ଏଲ୍ଡିସି ନିକଟରେ ଦାଖଲ କରିବେ ୬୦୯୩.୮୪ ମେଗା ୱାଟ ଉତ୍ପାଦନ କ୍ଷମତାକୁ ନେଇ ମେଗା ୱାଟ ପ୍ରତି ଟଙ୍କା ହିସାବ କରାଯାଇଅଛି) | ୪୨୮.୨୦୯<br>(ଟ୭୦୨୬.୯୧୩ ମେଗା ୱାଟ ପ୍ରତି) | ୩୫.୬୮୪<br>ଟ୫୮୫.୫୭୬ ମେଗା ୱାଟ ପ୍ରତି) |
| ୪. | ବିତରଣ ଲାଇସେନ୍ସଧାରୀ ଓ କ୍ରେତାମାନେ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍ଓସି) ଓ ବଜାର ପରଚାଳନା ଶୁଳ୍କ (ଏମ୍ଓସି) ଏସ୍ଏଲ୍ଡିସି ନିକଟରେ ଦାଖଲ କରିବେ | ୪୨୮.୨୦୯ | ୩୫.୬୮୪ |
| | (I) ସେସୁ | ୧୪୪.୩୬୨ | ୧୨.୦୩୦ |
| | (ii) ନେସ୍କୋ ୟୁଟିଲିଟି | ୧୦୦.୧୫୪ | ୮.୩୪୬ |
| | (iii) ୱେସ୍କୋ ୟୁଟିଲିଟି | ୧୨୧.୯୫୩ | ୧୦.୧୬୩ |
| | (iv) ସାଉଥ୍କୋ ୟୁଟିଲିଟି | ୬୧.୭୩୯ | ୫.୧୪୫ |

(ଖ) **ଦରଖାସ୍ତ ଫି ଏବଂ ତାଲିକା ପ୍ରସ୍ତୁତି ଶୁଳ୍କ :**
ରାଜ୍ୟ ମଧ୍ୟରେ ଅବସ୍ଥାପିତ ସରବରାହ ବ୍ୟବସ୍ଥାର ବ୍ୟବହାର ଏବଂ ଆନୁସଙ୍ଗିକ ସେବା ନିମନ୍ତେ ସ୍ୱଳ୍ପମିଆଦି ମୁକ୍ତ ପ୍ରବେଶ ଗ୍ରାହକମାନଙ୍କ ଠାରୁ ଏସ୍ଏଲ୍ଡିସି ଦରଖାସ୍ତ ପିଛା ୫,୦୦୦/- ଟଙ୍କା ଦରଖାସ୍ତ ଫି ଏବଂ ଦିନ ପ୍ରତି ବା ଦିନର କିଛି ଅଂଶ ପାଇଁ ୨,୦୦୦/- ଟଙ୍କା ହିସାବରେ ତାଲିକା ପ୍ରସ୍ତୁତି ଶୁଳ୍କ ଆଦାୟ କରିବ।

(ଗ) **ସିକ୍ୟୁରିଟି ଡ଼ିପୋଜିଟ୍ :** ସମସ୍ତ ଗ୍ରାହକ (ବିତରଣକାରୀ ସଂସ୍ଥାମାନଙ୍କ ବ୍ୟତିତ) ଦୁଇମାସର ପ୍ରଯୁଜ୍ୟ ବ୍ୟବସ୍ଥା ପରିଚାଳନା ଓ ବଜାର ପରିଚାଳନା ଶୁଳ୍କ ପରିମାଣ ରାଶି ନିର୍ଦ୍ଧାରିତ ଦେୟ ପ୍ରଦାନ ବିଫଳତା ଜନିତ ସିକ୍ୟୁରିଟି ବାବଦରେ ଅଗ୍ରୀମ ପ୍ରଦାନ କରିବେ।

(ଘ) **ପଞ୍ଜୀକରଣ ଫି :** ଏସ୍ଏଲ୍ଡିସି ସମସ୍ତ ରାଜ୍ୟମଧ୍ୟସ୍ଥ ସରବରାହ ବ୍ୟବସ୍ଥା ଓ ଏହାର ଆନୁସଙ୍ଗିକ ସେବା ବ୍ୟବହାରକାରୀମାନଙ୍କଠାରୁ ଏକଥରପାଇଁ ୧.୦୦ ଲକ୍ଷ ଟଙ୍କା ପ୍ରତି ବ୍ୟବହାରକାରୀ ମାନଙ୍କଠାରୁ ପଞ୍ଜୀକରଣ ଶୁଳ୍କ ଆଦାୟ କରିବ।

(ଙ) **ବିଳମ୍ବ-ଦେୟ ଅଧିଶୁଳ୍କ :** ଗ୍ରାହକମାନେ (ବିତରଣକାରୀ କମ୍ପାନୀଙ୍କ ବ୍ୟତିତ) ବିଲ୍ ପରିମାଣ ଧାର୍ଯ୍ୟ ଦିବସ ପରେ ପ୍ରଦାନ କଲେ, ଏସ୍ଏଲ୍ଡିସି ଅନାଦେୟ ବିଲ୍ ପରିମାଣ ଉପରେ ମାସ ପ୍ରତି ୧.୨୫% ହିସାବରେ ବିଳମ୍ବ-ଦେୟ ଅଧିଶୁଳ୍କ ଆଦାୟ କରିବ।

**୨.** ଉପରିସ୍ଥ ପାରା ୧ରେ ଦର୍ଶାଯାଇଥିବା ଏସ୍ଏଲ୍ଡିସି କାର୍ଯ୍ୟ ସମ୍ପାଦନ ନିମନ୍ତେ ଫି ଏବଂ ଶୁଳ୍କ ତା. ୦୧.୦୫.୨୦୨୦ ରିଖରୁ କାର୍ଯ୍ୟକାରୀ ହେବ ଏବଂ ଆୟୋଗଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ।

**୩.** ଆୟୋଗଙ୍କ ବିସ୍ତୃତ ଆଦେଶନାମା ତାଙ୍କର ୱେବ୍ସାଇଟ୍ **www.orierc.org,** ଓପିଟିସିଏଲର ୱେବ୍ସାଇଟ୍ **www.optcl.co.in** ଏବଂ ଏସ୍ଏଲ୍ଡିସିର ୱେବ୍ସାଇଟ୍ **www.sldcorissa.org.in** ରେ ଉପଲବ୍ଧ।

ଭୁବନେଶ୍ୱର
ତା. ୨୨.୦୪.୨୦୨୦

**ସ୍ୱା/-**
**ଚିଫ୍ ଲୋଡ୍ ଡେସ୍ପାଚର, ଏସ୍ଏଲ୍ଡିସି, ଓପିଟିସିଏଲ୍**